**ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ**

**ଗଁଦିଆ:** ଯୋରନ୍ଦା ଶିବମନ୍ଦିର ପରିସରରେ ଯୋରନ୍ଦା ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ବୈଠକ ଉପସଭାପତି ପୀତବାସ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭ୍ୟଙ୍କ ସମସ୍ୟା, ବାର୍ଷିକ ଆୟବ୍ୟୟ, ନୂତନ ସଭ୍ୟ ଯୋଗଦାନ, ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ଆଦି ବିଷୟରେ ଆଲୋଚନା ହୋଇଥିଲା। ସମ୍ପାଦକ ରବିନାରାୟଣ ରାଉଳ, ମଙ୍ଗୁଳି ଚରଣ ବିଶ୍ୱାଳ, ବିଚିତ୍ରାନନ୍ଦ ସାମଲ, ଅନ୍ନଦାଶଙ୍କର ପତି, ପ୍ରାଣବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

**ସରିଲା ଠକ ଦମ୍ପତିଙ୍କ ୨ ଦିନିଆ ରିମାଣ୍ଡ**

### ଜେରା ବେଳେ କାନ୍ଦି ପକାଇଲେ

**ଅନୁଗୋଳ ଅଫିସ,୧୨।୯:** ଚାକିରି ଦେବାର ପ୍ରଲୋଭନ ଦେଖାଇ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୧୩ଶହ ଯୁବତୀ ଯୁବକଙ୍କ ଠାରୁ ୨୦ କୋଟି ଟଙ୍କା ଠକି ନେବା ଅଭିଯୋଗରେ ଅନୁଗୋଳ ପୋଲିସ ଦ୍ୱାରା ଗିରଫ ବଙ୍ଗୀୟ ଦମ୍ପତି ଚୈତାଳୀ ମୁଖାର୍ଜୀ ଓ ମ୍ରିଗାଙ୍ଗ ଗୁପ୍ତାଙ୍କ ରିମାଣ୍ଡ ଅବଧି ରବିବାର ଶେଷ ହୋଇଛି। ୨ ଦିନିଆ ରିମାଣ୍ଡର ଶେଷ ଦିନରେ ଠକ ଦମ୍ପତିଙ୍କୁ ପୋଲିସ ସାଢ଼େ ୫ ଘଣ୍ଟା ଧରି ଜେରା କରିଥିଲା। ଏହି ଜେରା ସମୟରେ ମ୍ରିଗାଙ୍ଗ କାନ୍ଦି ପକାଇଥିଲେ। ତେବେ ପୋଲିସକୁ କିଛି ନୂଆ ତଥ୍ୟ ମିଳିଛି। ଗିରଫ ମହିଳା ଚୈତାଳୀ ପ୍ରଥମେ ଏକ କନ୍‌ସଲଟାଣ୍ଟ କମ୍ପାନୀରେ କାର୍ଯ୍ୟ କରୁଥିଲେ। ରାଉରକେଲାର ପ୍ରତାପ ଶତପଥୀଙ୍କ ସଂସ୍ପର୍ଶରେ ଆସିବା ପରେ ଦୁହେଁ ମିଶି ୨୦୧୪ରେ ଏପରି ଠକେଇ ଆରମ୍ଭ କରିଥିଲେ। ନାଗପୁର ଥାନାରେ ସେମାନଙ୍କ ନାମରେ ୬ଲକ୍ଷ ୮୦ ହଜାର ଟଙ୍କାର ଠକେଇ ମାମଲା ରହିଛି। ପରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ୨୦୧୭ରୁ ଚାକିରି ଆଶାୟୀ ଯୁବତୀ ଯୁବକଙ୍କୁ ଠକି ଆସୁଥିଲେ। ଚୈତାଳୀ ବିବାହ କରିବା ପରେ ମ୍ରିଗାଙ୍ଗ ସେମାନଙ୍କ ସହ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ପୂର୍ବରୁ ଗିରଫ ହୋଇଥିବା ପ୍ରତାପ ସେମାନଙ୍କ ଟିମ୍‌ର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେମାନଙ୍କ ୨୯ଟି ଆକାଉଣ୍ଟରୁ ବର୍ତ୍ତମାନ ସୁଦ୍ଧା ୪୮ ଲକ୍ଷ ଟଙ୍କା ପୋଲିସ ଜବତ କରିଥିବାବେଳେ ଆଉ କେଉଁ ବ୍ୟାଙ୍କରେ କେତେ ଆକାଉଣ୍ଟ ଓ ଟଙ୍କା ରହିଛି ତାହାର ସନ୍ଧାନ ମିଳିଛି। ଓଡ଼ିଶାରେ କୌଣସି ଘର ବା ଜାଗା ରଖି ନ ଥିବାବେଳେ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ପ୍ଲଟ, ଫ୍ଲାଟ ଓ ଘର ରହିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ମଧସ୍ଥିଙ୍କୁ ଧରାଯିବା ପାଇଁ ଜାଲ ବିଛାଯାଇଥିବା ତାଳଚେର ଏସ୍‌ଡିପିଓ ନୀତିଶ ୱାଦୱାନୀ କହିଛନ୍ତି।

### ତେଲ ଚୋରି ଉଦ୍ୟମ

**ବଇଣ୍ଡା,୧୨।୯(ଡି.ଏନ.ଏ.):** ପାରାଦୀପଠାରୁ ସମ୍ବଲପୁର ଯାଉଥିବା ଇଣ୍ଡିଆନ ଅଏଲ ପାଇପ୍ ଲାଇନର କିଶୋରନଗର ଥାନା ଜଏରାଟ ନିକଟରୁ ଶୁକ୍ରବାର ରାତିରେ କେତେଜଣ ଦୁର୍ବୃତ୍ତ ମାଟି ଖୋଳି ତେଲ ଚୋରି ଉଦ୍ୟମ କରିଥିଲେ। ଏ ନେଇ ଶନିବାର ଇଣ୍ଡିଆନ ଅଏଲ ଷ୍ଟେସନ ମ୍ୟାନେଜର ସୂର୍ଯ୍ୟପ୍ରକାଶ ସିଂ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୪୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଜଏରାଟ ନିକଟରେ ଯାଇଥିବା ପାଇପ୍ ଲାଇନରୁ ତେଲ ଚୋରି ଉଦ୍ଦେଶ୍ୟରେ ପାଇପ୍ କାଟିବା ପାଇଁ ଉଦ୍ୟମ କରାଯାଇଥିଲା। ବିଫଳ ହେବାରୁ ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ପଳାଯାଇଛନ୍ତି।

### ଡ୍ରେନ୍ ପାଣି ଘେରରେ ପରିବାର

**ଅନୁଗୋଳ ଅଫିସ, ୧୨।୯:** ଅନୁଗୋଳ ବ୍ଲକ ବନ୍ତଳା ବଜାରରେ ଥିବା ଡ୍ରେନ୍‌କୁ କେତେଜଣ ଲୋକ ବର୍ଷା ପାଣି ଛାଡୁ ନ ଥିବାରୁ ଗୋଟିଏ ପରିବାର ଡ୍ରେନ୍ ପାଣି ଘେରରେ ଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଘଟଣାର ଅନୁଧ୍ୟାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ବନ୍ତଳା ବଜାରରେ ଗଙ୍ଗାଧର ସାହୁଙ୍କ ଘର ରହିଛି। ବନ୍ତଳା ପଞ୍ଚାୟତ ପକ୍ଷରୁ ବଜାରରେ ନିର୍ମାଣ କରାଯାଇଥିବା ଡ୍ରେନ୍‌କୁ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଜାମ୍ କରୁଛନ୍ତି। ବର୍ଷା ପାଣି ନିଷ୍କାସନ ପଥକୁ ପଥର ପକାଇ ବନ୍ଦ କରି ରଖୁଛନ୍ତି। ଫଳରେ ଡ୍ରେନ୍‌ରେ ବର୍ଷା ପାଣି ଯାଇପାରୁ ନ ଥିବାରୁ ତାହା ଗଙ୍ଗାଧରଙ୍କ ଘର ସମ୍ମୁଖରେ ଜମି ରହୁଛି। ଫଳରେ ପରିବାର ଲୋକେ ଏହି ଅସ୍ୱାସ୍ଥ୍ୟକର ପାଣି ଘେରରେ ଏକପ୍ରକାର ବନ୍ଦୀ ହୋଇଯାଇଛନ୍ତି। ଘରୁ ବାହାରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସମ୍ପୃକ୍ତ ପରିବାର ବ୍ଲକ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ୨ ଆକ୍ରାନ୍ତ, ୧୪ ସୁସ୍ଥ

**ଢେଙ୍କାନାଳ ଅଫିସ, ୧୨।୯:** ଢେଙ୍କାନାଳ ଜିଲାରୁ ରବିବାର ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୪ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଭୁବନ ଏବଂ ଢେଙ୍କାନାଳ ପୌରାଞ୍ଚଳରୁ ଜଣେ ଲେଖାଏ ରହିଛନ୍ତି। ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୯ ହଜାର ୬୯୧ ହୋଇଥିବାବେଳେ ୧୯ ହଜାର ୩୨୮ ଆରୋଗ୍ୟ ଲାଭ କରିସାରିଲେଣି। କୋଭିଡ୍‌ରେ ୨୪୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ୧୨୧ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୨।୯:** ଅନୁଗୋଳ ଜିଲାରୁ ରବିବାର ୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୪ ହଜାର ୨୨୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୪ ଜଣ ଥିବାବେଳେ ଛେଣ୍ଡିପଦା ବ୍ଲକରୁ ୨, ତାଳଚେର ବ୍ଲକରୁ ୨ ଓ କଣିହାଁ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୯ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# ସିନେମା ହଲ୍ ସ୍ଥିତି ସଙ୍ଗୀନ

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୧୨।୯**


ମହାଲକ୍ଷ୍ମୀ ସିନେମା ହଲ୍

- ଚାଲୁନି ଚଳଚ୍ଚିତ୍ର, ପ୍ରେକ୍ଷାଳୟରେ ତାଲା
- ବୁଡ଼ିଗଲାଣି ବ୍ୟବସାୟ, ଦୋଛକିରେ ମାଲିକ
- କର୍ମଚାରୀଙ୍କ ଜୀବନ ଜୀବିକା ଦୁର୍ବିଷହ

*ଓଡ଼ିଆ ସିନେମା ଇତିହାସ ପାଇଁ ଅଭୁଲା ୧୯୩୬। ଏହି ବର୍ଷ ପରଦାକୁ ଆସିଥିଲା ପ୍ରଥମ କଳାଧଳା ଚଳଚ୍ଚିତ୍ର 'ସୀତାବିବାହ'। ଏହାର ଦୀର୍ଘ ଚାରି ଦଶନ୍ଧି ପରେ ୧୯୭୬ରେ ବଡ଼ ପରଦାରେ ରିଲିଜ୍ ହୋଇଥିଲା ପ୍ରଥମ ରଙ୍ଗିନ ଚଳଚ୍ଚିତ୍ର 'ଗପ ହେଲେ ବି ସତ'। ପରଦାରୁ ଆରମ୍ଭ ହୋଇଥିବା ଚଳଚ୍ଚିତ୍ର ପ୍ରଦର୍ଶନ ଧାରା ଏବେ ପହଞ୍ଚିଛି ମଲ୍ଟିପ୍ଲେକ୍ସରେ। ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ଏଚ୍‌ଡି ପରଦା ସହିତ ଡଲ୍‌ବି ସାଉଣ୍ଡରେ କମ୍ପୁଛି ପ୍ରେକ୍ଷାଳୟ। ବଡ଼ ସହରରେ ମନକୁ ବୁଝିବା ଭଳି କରାଯାଇଥିବା ଏଭଳି ବ୍ୟବସ୍ଥା ଢ଼ଣା ଅଧିକେ ଲୋକଙ୍କୁ ବାନ୍ଧି ରଖୁଛି। ହେଲେ ଆଧୁନିକତା ସହିତ ତାଳ ଦେଇ ପାରୁ ନ ଥିବାରୁ ଛୋଟ ସହରରେ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ପାଲଟିଥିବା ସିନେମା ହଲ୍‌ଗୁଡ଼ିକର ସ୍ଥିତି ସଙ୍ଗୀନ ହୋଇଗଲାଣି।*

ସତୁରି ଦଶକରୁ ଦୁଇ ଦଶନ୍ଧି ଧରି ମନୋରଞ୍ଜନର ବଡ଼ ମାଧ୍ୟମ ସାଜିଥିଲା ସିନେମା। ଓଡ଼ିଆ ପରିବାରର କଥାକାହାଣୀ, କଳାସଂସ୍କୃତିକୁ ଆଧାର କରି ବଡ଼ ପରଦାରେ ପ୍ରଦର୍ଶିତ ହେଉଥିବା ଫିଲ୍ମ ଦେଖିବା ପାଇଁ ପ୍ରେକ୍ଷାଳୟରେ ଲାଗୁଥିଲା ନାହିଁ ନ ଥିବା ଭିଡ଼। ଗୋଟିଏ ଗୋଟିଏ ସିନେମା ୫୦ ସପ୍ତାହ ପର୍ଯ୍ୟନ୍ତ ଚାଲୁଥିଲା ଏବଂ ପାଳନ ହେଉଥିଲା ସିଲ୍‌ଭର ଏବଂ ଗୋଲ୍‌ଡେନ ଜୁବିଲି। ଏଥିରୁ ମୋଟାଅଙ୍କର ଅର୍ଥ ରୋଜଗାର କରୁଥିଲେ ସିନେମା ହଲ୍ ମାଲିକ। ହେଲେ ଡିଜିଟାଲ ଯୁଗ ସହିତ ତାଳ ଦେଇପାରୁ ନ ଥିବାରୁ ଛୋଟ ସହରର ପ୍ରେକ୍ଷାଳୟଗୁଡ଼ିକ ଏବେ ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ପରିଚାଳନା ପାଇଁ ଅର୍ଥାଭାବରୁ ସିନେମା ହଲ୍‌ଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଟେକ୍ନୋଲୋଜିର ସମୟରେ କାର୍ଡ, ଚିପ୍ସ ଓ ପେନ୍‌ଡ୍ରାଇଭରେ ଗୋଟିଏ ସ୍ଥାନରୁ ବିଭିନ୍ନ ଫିଲ୍ମ ହଲ୍ ଜରିଆରେ ସିନେମା ପ୍ରସାରଣ ହେଉଛି। ତେଣୁ ଉଚ୍ଚକୋଟୀର ସିନେମା ମଧ୍ୟ ୭ଦିନ ଚାଲୁନାହିଁ। ଏଭଳି ସ୍ଥିତିରେ ୨୦୧୯ ଯାଏ କଷ୍ଟେମଷ୍ଟେ ବ୍ୟବସାୟ ଚଳାଇ ରଖିଥିବା ହଲ୍‌ଗୁଡ଼ିକ ୨୦୨୦ ପରଠାରୁ କରୋନା ଯନ୍ତ୍ରଣାରେ ପେଷି ହୋଇଯାଇଛନ୍ତି। କଟକଣା ମଧ୍ୟରେ ପ୍ରେକ୍ଷାଳୟ ଖୋଲିବା ଏବଂ ବ୍ୟବସାୟ କରିବା ବାଧୁଥିବାବେଳେ ସଙ୍ଗିନ ହୋଇଗଲାଣି ସିନେମା ହଲ୍ ସ୍ଥିତି।

ଢେଙ୍କାନାଳ ଜିଲାରେ ୧୯୭୦ରୁ ୧୯୯୦ ମଧ୍ୟରେ ୮ ସିନେମା ହଲ୍ ଭଲ ବ୍ୟବସାୟ କରୁଥିଲେ। ସେଥିରୁ କେବଳ ଢେଙ୍କାନାଳ ସହରରେ ଥିଲା ୪ ପ୍ରେକ୍ଷାଳୟ। ଏହାକୁ ବାଦ୍‌ଦେଲେ ଭୁବନ ଏବଂ କାମାକ୍ଷାନଗରରେ ୨ଟି ଲେଖାଏ ଫିଲ୍ମ ହଲ୍ ଥିଲା। ହେଲେ ଏସବୁ ସିନେମା ହଲ୍‌ରେ ତାଲା ଝୁଲୁଛି। ଢେଙ୍କାନାଳରେ ୩ ବର୍ଷ ତଳେ ଖୋଲିଥିବା ଡିଜିଟାଲ ହଲ୍‌ଟି କଟକଣା ଯୋଗୁ ବନ୍ଦପଡ଼ିଛି। ଜିଲାର ସିନେମା ହଲ୍ ଇତିହାସରେ ପ୍ରଥମ ପ୍ରେକ୍ଷାଳୟ 'କଥାଚିତ୍ର' ୭୦ ଦଶକରେ ବନ୍ଦ ହୋଇଯାଇଥିଲା। ଏହି କ୍ରମରେ ୧୯୭୨ରେ ଆରମ୍ଭ ହୋଇଥିବା 'ଜଲାରାମ ସିନେମା ହଲ୍' ୧୯୯୭ରେ, ୧୯୮୫ରେ ଆରମ୍ଭ ହୋଇଥିବା 'ମହାଲକ୍ଷ୍ମୀ ସିନେମା ହଲ୍' ୨୦୧୭ରେ, ୧୯୯୦ରେ ଆରମ୍ଭ ହୋଇଥିବା 'ଅମରନାଥ ସିନେମା ହଲ୍' ୨୦୧୮ରେ ବନ୍ଦ ହୋଇଯାଇଛି। ସେହିପରି ଭୁବନରେ ୧୯୬୯ ଆରମ୍ଭ ହୋଇଥିବା 'ହନୁମାନ ଟକିଜ୍' ୧୯୮୦ରେ, ୧୯୮୭ରୁ ଆରମ୍ଭ ହୋଇଥିବା ସାଇ ଟକିଜ୍ ୨୦୧୮ରୁ ବନ୍ଦ ହୋଇଯାଇଛି। ଅନୁରୂପ ଭାବେ କାମାକ୍ଷାନଗରରେ ୧୯୬୮ରେ ଆରମ୍ଭ ହୋଇଥିବା ବହୁ ପୁରାତନ 'ଆପୋଲୋ ଟକିଜ୍'ରେ ୧୯୮୬ରୁ ତାଲା ଝୁଲୁଛି। କାମାକ୍ଷାନଗରରେ ଥିବା ନଟରାଜ ଟକିଜ୍ କୋଭିଡ୍ କଟକଣା ଯୋଗୁ ବର୍ଷେରୁ ଅଧିକ ସମୟ ହେଲା ବନ୍ଦପଡ଼ିଛି।

କେତେକ ସିନେମା ହଲ୍ ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଥିବାବେଳେ ସାଧାରଣ ଲୋକଙ୍କ ମନୋରଞ୍ଜନର ବଳିଷ୍ଠ ମାଧ୍ୟମ ବନ୍ଦ ହୋଇଯାଇଛି। ଫଳରେ ଏହା ଉପରେ ନିର୍ଭରଶୀଳ ଶତାଧିକ କର୍ମଚାରୀଙ୍କ ଜୀବନ ଜୀବିକା ଦୁର୍ବିଷହ ହୋଇପଡ଼ିଛି। ଇତିମଧ୍ୟରେ ରାଜ୍ୟର ପ୍ରତି ବ୍ଲକରେ ସିନେମା ହଲ୍ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ହେଲେ ଏହାର କାର୍ଯ୍ୟକାରିତା ନାଳିଫିତା ତଳେ ଅଟକି ରହିଛି। ଏଥିଲାଗି ସରକାରୀସ୍ତରରେ ଯୋଜନା ପ୍ରସ୍ତୁତ କରା ନ ଗଲେ ସିନେମା ହଲ୍ ସଂସ୍କୃତି ଲୋପ ପାଇଯିବ ବୋଲି ସହରର ବୁଦ୍ଧିଜୀବୀମାନେ କହିଛନ୍ତି।

### ପରିଧି ବଢ଼ିଛି, ପୁରୁଣା ଢାଞ୍ଚା ନାହିଁ



"୭୦ରୁ ୯୦ ଦଶକଯାଏ ବଡ଼ ପରଦାରେ ପ୍ରଦର୍ଶିତ ୭୦% ଓଡ଼ିଆ ଫିଲ୍ମରେ ବେଶ୍ ଲାଭ ହେଉଥିଲା। ଅଧିକାଂଶ ହିନ୍ଦୀ ଚଳଚ୍ଚିତ୍ର ମଧ୍ୟ ମାସ ମାସ ଧରି ହଲ୍‌ରେ ଚାଲୁଥିଲା। ଏବେ ସିନେମା ଶିଳ୍ପର ପରିଧି ବଢ଼ିଛି। ପୁରୁଣା ଢାଞ୍ଚା ଆଉ ନାହିଁ। ଟେଲିଭିଜନ ଚ୍ୟାନେଲ ସଂଖ୍ୟା ବୃଦ୍ଧି, ବହୁ ସିରିୟାଲର ପ୍ରବେଶ ଲୋକଙ୍କୁ ଘରେ ବାନ୍ଧି ରଖୁଛି। ହଲ୍‌କୁ ଆସି ସିନେମା ଦେଖିବାର ଆଗ୍ରହ କମିଗଲାଣି।

**-ନବୀନଚନ୍ଦ୍ର ନାରାୟଣ ଦାସ, ଜଲାରାମ ସିନେମା ହଲ୍ ମାଲିକ**

### ଅଧିକାଂଶ ପ୍ରେକ୍ଷାଳୟରେ ତାଲା ଝୁଲୁଛି



"କରୋନା ମହାମାରୀ ସମୟରେ ଓଟିଟି ପ୍ଲାଟ୍‌ଫର୍ମର ଆଦର ବଢ଼ିଛି। ବିଭିନ୍ନ ଭାଷାରେ ଚଳଚ୍ଚିତ୍ର, ଧାରାବାହିକ ଟେଲିଭିଜନରେ ପ୍ରଦର୍ଶିତ ହେଉଛି। ଏହାର ସିଧାସଳଖ ପ୍ରଭାବ ସିନେମା ହଲ୍ ଶିଳ୍ପ ଉପରେ ପଡ଼ିଛି। ଅଧିକାଂଶ ପୁରୁଣା ସିନେମାହଲ୍ ବନ୍ଦ ହୋଇଗଲାଣି। ଯେଉଁଗୁଡ଼ିକ ଚାଲିଛି, ସେଥିରେ ବ୍ୟବସାୟ ସ୍ଥିତି ଅତି ସାଂଘାତିକ।

**-ଦେବାଶିଷ ମିଶ୍ର, ଧାରାବାହିକ ପ୍ରଯୋଜକ**

### ମନୋରଞ୍ଜନର ବଡ଼ ମାଧ୍ୟମ ପ୍ରଭାବିତ



"ଢେଙ୍କାନାଳରେ ସିନେମା ହଲ୍‌କୁ ବାଦ୍‌ଦେଲେ ମନୋରଞ୍ଜନର ସେପରି ବଡ଼ ମାଧ୍ୟମ ନାହିଁ। ସପ୍ତାହରେ ଅନ୍ତତଃ ଥରେ ସପରିବାର ସିନେମା ହଲ୍ ଯିବା ଅଧିକାଂଶଙ୍କ ଅଭ୍ୟାସ। ହେଲେ ଚିତ୍ତ ବିନୋଦନର ବଡ଼ ମାଧମ ଏବେ ପ୍ରଭାବିତ ହୋଇଛି। କରୋନା କଟକଣା ପାଇଁ ପିଏସ୍ଆର୍ ହଲ୍ ମଧ୍ୟ ବନ୍ଦ ହୋଇଯାଇଛି। ଆଗାମୀ ଦିନରେ ସିନେମା ହଲ୍ ଚାଲିବ କି ନାହିଁ ତାହା ଏବେ ବଡ଼ ପ୍ରଶ୍ନବାଚୀ।

**-ଅରବିନ୍ଦ ସାହୁ, ମଞ୍ଚ ଅଭିନେତା**

### ଦୁର୍ବିଷହ ହୋଇପଡ଼ିଛି ଜୀବନ ଜୀବିକା



"ଭୁବନର ହନୁମାନ ଟକିଜ୍‌ରୁ ଅପରେଟିଂ କାମରୁ ୩୫୦ ଟଙ୍କା ପାରିଶ୍ରମିକ ମିଳୁଥିଲା। ହନୁମାନ ଟକିଜ୍ ବନ୍ଦ ହେବାପରେ ସାଇ ଟକିଜ୍‌ରେ ୧୫୦୦ ଟଙ୍କା ବେତନରେ ଚାକିରି ମିଳିଥିଲା। ଏବେ ପରିସ୍ଥିତି ବଦଳିଯାଇଛି। ସିନେମା ହଲ୍ ବନ୍ଦ ହୋଇଯିବା ପରେ ଜୀବନ ଜୀବିକା ଦୁର୍ବିଷହ ହୋଇପଡ଼ିଛି। କେବୁଲ ଟିଭି, ମୋବାଇଲ, ଇଣ୍ଟରନେଟ୍ ସିନେମା ହଲ୍ ବ୍ୟବସାୟକୁ ବନ୍ଦ କରିଦେଇଛି।

**-ଶ୍ୟାମସୁନ୍ଦର ମିଶ୍ର, ସିନେମା ଅପରେଟର, ଭୁବନ**

## ଯାଞ୍ଚ ନ କରି ପ୍ରୋସିଡିଂ ଚଞ୍ଚକତା

**ଅନୁଗୋଳ ଅଫିସ, ୧୨।୯**

**ମାନବ ସମ୍ବଳ ଟେଣ୍ଡର ଘଟଣା**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଜିଲାର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନବ ସମ୍ବଳ କାର୍ଯ୍ୟ ପାଇଁ ଡକାଯାଇଥିବା ବିବାଦୀୟ ଟେଣ୍ଡରକୁ ନେଇ ବିବାଦ ଶେଷ ହେଉନାହିଁ। ଜିଲା ପ୍ରଶାସନର କଡ଼ା ନିର୍ଦ୍ଦେଶ ଠିକ୍ ଭାବେ ପାଳନ କରା ନ ଯାଇ ଉକ୍ତ ଟେଣ୍ଡର ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ହାତକୁ ଯେମିତି ହେଲେ ଟେକି ଦେବାକୁ ଦଲାଲଙ୍କ ପ୍ରରୋଚନାରେ ଉଦ୍ୟମ ଜାରି ରହିଥିବା ଅଭିଯୋଗ ହେଉଛି। ଅଭିଯୋଗରୁ ପ୍ରକାଶ ଯେ, ଟେଣ୍ଡର ପାଇବାରୁ ବଞ୍ଚିତ ଏକ ସଂସ୍ଥା ଏଥିରେ ବ୍ୟାପକ ଅନିୟମିତତା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲା। ଫଳରେ ଜିଲା ପ୍ରଶାସନ ଏକ ବୈଠକ କରି ଟେଣ୍ଡର ପାଇଥିବା ଠିକା ସଂସ୍ଥାର କାଗଜପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଦସ୍ତାବିଜ୍ ଯାଞ୍ଚ ନ କରି ହଠାତ୍ ବୈଠକ ଡକାଯିବା ସହ ଟେଣ୍ଡର ଫାଇଲରେ ଦସ୍ତଖତ କରାଇ ନେବାକୁ ଚଞ୍ଚକତା କରାଯାଇଥିଲା। କିନ୍ତୁ ବୈଠକରେ ଉପସ୍ଥିତ ଜିଲାପାଳଙ୍କ ପ୍ରତିନିଧି ଏହାକୁ ନେଇ ବିରକ୍ତ ପ୍ରକାଶ କରିବା ସହ କାଗଜପତ୍ର ଯାଞ୍ଚ କରିବାକୁ କହିଥିଲେ। ଏହି ବୈଠକରେ କେତେଜଣ ଟେଣ୍ଡର ସଦସ୍ୟ ଉପସ୍ଥିତ ନ ଥିଲେ ମଧ୍ୟ ସେମାନଙ୍କୁ ଦସ୍ତଖତ କରିବାକୁ କୁହାଯାଇଥିଲା। କିନ୍ତୁ ସମ୍ପୃକ୍ତ ସଦସ୍ୟମାନେ ମନା କରିଦେଇଥିଲେ। ଅନ୍ୟପକ୍ଷରେ ଟେଣ୍ଡର ପାଇଥିବା ଠିକା ସଂସ୍ଥା କର୍ମଚାରୀଙ୍କୁ ଠିକ୍ ଭାବେ ଇଏସ୍ଆଇ ଓ ଇପିଏଫ ବାବା ଅର୍ଥ ପ୍ରଦାନ କରୁ ନ ଥିବା ଅଭିଯୋଗ ଆସିଛି। ଏ ସମ୍ପର୍କରେ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଉକ୍ତ ଠିକା ସଂସ୍ଥାର କାଗଜପତ୍ର ଯାଞ୍ଚ କରିବାକୁ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା, ତାହା ଠିକ୍ ଭାବେ ପାଳନ କରାଯାଇ ନାହିଁ। ଇପିଏଫ ଓ ଇଏସ୍ଆଇ ବାବଦ ଅର୍ଥ ପ୍ରଦାନ କରା ନ ଯିବା ସମ୍ପର୍କରେ ଯାଞ୍ଚ କରାଯିବ ବୋଲି ସମ୍ପୃକ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

## ଚାଷୀ ସମସ୍ୟା ସମାଧାନକୁ ଗୁରୁତ୍ୱ


ଜିଲା କିଷାନ କଂଗ୍ରେସ କମିଟି ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**ଭୁବନ, ୧୨।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ହନୁମାନ ମନ୍ଦିର ସଭାଗୃହରେ ରବିବାର ଜିଲା କିଷାନ କଂଗ୍ରେସ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଉନ କଂଗ୍ରେସ କମିଟି ସଭାପତି ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ସଭାପତି ଅମୀୟ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ବନ୍ଦିତା ପରିଡ଼ା ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଭୁବନ ଅଞ୍ଚଳର ମରୁଡ଼ି ପରିସ୍ଥିତି ଅନୁଧ୍ୟାନ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣ ପ୍ରଦାନ, ଏନ୍‌ଏସିର ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କରିବା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ପୌର ଏବଂ ପଞ୍ଚାୟତ ନିର୍ବାଚନରେ ସଙ୍ଗଠନକୁ ସୁଦୃଢ଼ କରିବା ଲାଗି କର୍ମୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଜିଲା ସମ୍ପାଦକ ବିନୋଦ ମହାରଣା, ଜିଲା କିଷାନ କମିଟି ସଭାପତି ବିପ୍ରବର ସାହୁ, ଜିଲା ସମ୍ପାଦକ ଶ୍ୱେତକେତୁ ମିଶ୍ରଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

## ଆଜିଠାରୁ ନାଲ୍‌କୋ ଶ୍ରମିକ ସଙ୍ଗଠନର ଆନ୍ଦୋଳନ

**ବଅଁରପାଳ,୧୨।୯(ଡି.ଏନ.ଏ.)**

ଶ୍ରମିକମାନଙ୍କ ପ୍ରତି ଅନୁଗୋଳ ଜିଲା ନାଲ୍‌କୋ କର୍ତ୍ତୃପକ୍ଷ ବୈମାତୃକ ମନୋଭାବ ଦେଖାଉଥିବା ଅଭିଯୋଗ କରି ଶ୍ରମିକ ସଙ୍ଗଠନ ଗୁଡିକ ପକ୍ଷରୁ ସୋମବାରଠାରୁ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ରବିବାର ସନ୍ଧ୍ୟାରେ ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲ୍‌କୋର ପାତର ଅନ୍ତର ନୀତିର ପ୍ରତିବାଦ କରାଯିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ପାଇଁ ସ୍ଥିର କରାଯାଇଥିଲା। ଅନୁଷ୍ଠିତ ଏହି ସଭାରେ ନେସ୍ ସଭାପତି ପ୍ରଫୁଲ୍ଲ ସାହୁ, ବିଜନ ଦଳବେହେରା, ଆଲୁମିନିୟମ ମଜଦୁର୍ ସଂଘ ସଭାପତି ସୁବାସ ସାହୁ, ବିନୋଦ ସାମଲ, ନେପୁ କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ, ସାଧାରଣ ସମ୍ପାଦକ ବୈରାଗୀ ସେଠ, ଏନ୍‌ଏସ୍‌ସିୟୁ ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, ବିଦ୍ୟୁତ୍ ମଜଦୁର ସଂଘ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ ପ୍ରମୁଖ ବହୁ ଶ୍ରମିକନେତା ଉପସ୍ଥିତ ଥିଲେ।


ଅନୁଗୋଳ ସହରସ୍ଥିତ ଏକ ପୁଷ୍କରିଣୀରେ ଜଣେ ନାବାଳକ ଗଣେଶ ମୂର୍ତ୍ତି ବିସର୍ଜନ କରୁଛନ୍ତି। (ଫଟୋ- ବୁବୁ)

## ଚଷା ପୁଞ୍ଜି ସମସ୍ୟା ସମ୍ପର୍କରେ ଆଲୋଚନା

**ବଇଣ୍ଡା,୧୨।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଡହୁଲା ଶିବ ମନ୍ଦିର ପରିସରରେ ରବିବାର ଚଷା ପ୍ରଗଣାର ଏକ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଷୋଳପଦା ପ୍ରଗଣା ସଭାପତି ହରେକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାଗୀରଥି ପ୍ରଧାନ, ଅର୍ଜୁନ କୁମାର ସାହୁ, ହୃଷୀକେଶ ସାହୁ, କୁର୍ତ୍ତିବାସ ପ୍ରଧାନ, ପରମାନନ୍ଦ ପ୍ରଧାନ, ବୃଷବ ପ୍ରଧାନ, ବେଣୁଧର ଦେହୁରୀ, ଭୀଷ୍ମ ଦେହୁରୀ, ପ୍ରଶ୍ନ ପ୍ରଧାନ, ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ୧୯ଟି ଚଷା ପୁଞ୍ଜି କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିରେ ସମସ୍ତ ପୁଞ୍ଜିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜର ସମସ୍ତ ନିୟମ ମାନି ଚଳିବା ସହ ଚାଷ କିଭଳି ବୃଦ୍ଧି ହେବ ସେ ନେଇ ସମସ୍ତ ସଭ୍ୟ ଦୃଷ୍ଟି ଦେବାକୁ ଅତିଥିମାନେ ମତ ପ୍ରକାଶ କରିଥିଲେ। ଚଳିତ ବର୍ଷ ଠିକ୍ ଭାବେ ବର୍ଷା ହୋଇ ନ ଥିବା ଯୋଗୁ ସମସ୍ତ ଧାନ ଚାଷ ନଷ୍ଟ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏ ନେଇ ଚଷା ସମାଜର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କିଶୋରଚନ୍ଦ୍ର ସାହୁ ପରିଚାଳନା କରିଥିବାବେଳେ ସୁଦାମଚରଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।


ବୈଠକରେ ଉପସ୍ଥିତ ବିଭିନ୍ନ ଚଷା ପୁଞ୍ଜିର କର୍ମକର୍ତ୍ତାମାନେ।

## ପୋଲିସ ଖୋଜୁଛି ପରିଚୟ

**ପରଜଙ୍ଗ, ୧୨।୯(ଡି.ଏନ.ଏ.)**

**ଗର୍ଭବତୀଙ୍କୁ ବଳାତ୍କାର ପରେ ହତ୍ୟା ମାମଲା**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଭେଜିଆ ଗ୍ରାମ ନିକଟ ରଗରଗିଆ ପୋଲ ତଳୁ ଜଣେ ଗର୍ଭବତୀଙ୍କ ମୃତଦେହ ଶନିବାର ଜବତ କରାଯାଇଥିଲା। ମୃତା ମହିଳାଙ୍କ ଗୋଡ଼ହାତ ବନ୍ଧା ଯାଇଥିବା ବେଳେ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସୁରାକ ପାଇଥିଲା ସାଇଣ୍ଟିଫିକ୍ ଟିମ୍। ଏହି ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ମୃତା ମହିଳାଙ୍କ ପରିଚୟ ମିଳିନାହିଁ। ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିବାବେଳେ ପାରିପାର୍ଶ୍ୱିକ ସ୍ଥିତକୁ ଅନୁଧ୍ୟାନ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।


ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ସୂଚନାଯୋଗ୍ୟ, ରଗରଗିଆ ପୋଲ ତଳେ ମୃତଦେହ ପଡ଼ିଥିଲେ ମଧ୍ୟ ଏ ବିଷୟରେ କେହି ଜାଣି ପାରି ନ ଥିଲେ। ଦୁର୍ଗନ୍ଧ ହେବାରୁ କେତେଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ମହିଳାଙ୍କ ମୃତଦେହ ଠାବ କରାଯାଇଥିଲା। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା। ଗୋଡ଼ହାତ ବନ୍ଧା ଯାଇଥିବା ମୃତଦେହ କିପରି ପୋଲ ତଳକୁ ଆସିଲା ତାହାର କାରଣ ଅସ୍ପଷ୍ଟ ରହିଛି। ପ୍ରାଥମିକ ତଦନ୍ତରୁ ସାଇଣ୍ଟିଫିକ୍ ଟିମ୍ କହିଛି, ମୃତ ମହିଳାଙ୍କ ଆନୁମାନିକ ବୟସ ୩୦ ବର୍ଷ ହେବ। ତାଙ୍କର ମୃତ୍ୟୁ ୫ରୁ ୬ ଦିନର ତଳେ ହୋଇଥିବା ସନ୍ଦେହ କରାଯାଉଛି। ସେ ଗର୍ଭବତୀ ଥିଲେ। ମହିଳାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଅଭିଯୁକ୍ତ ଯୋଜନାବଦ୍ଧ ଭାବେ ପୋଲ ଉପରୁ ତଳକୁ ଫିଙ୍ଗି ଦେଇଛନ୍ତି। ଫଳରେ ମହିଳାଙ୍କ ଗର୍ଭସ୍ଥ ଶିଶୁ ମୃତ ଅବସ୍ଥାରେ ଅଧା ବାହାରକୁ ବାହାରି ଆସିଥିଲା। ଏକ ଜଘନ୍ୟ ହତ୍ୟାକାଣ୍ଡର ଦୋଷୀଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି। କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ, ପରଜଙ୍ଗ ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅଧିକ ତଦନ୍ତ ଜାରି ରଖିଛନ୍ତି।

### ଭାଲୁ ଖାଇଗଲେ ଆଖୁ ଫସଲ

**ଛେଣ୍ଡିପଦା,୧୨।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବନାଞ୍ଚଳ କୋରଡା ଗ୍ରାମରେ କିଛିଦିନ ହେଲା ଭାଲୁପଲ ପଶି ଆଖୁ ଫସଲ ନଷ୍ଟ କରୁଛନ୍ତି। ଶନିବାର ବିଳମ୍ବିତ ରାତିରେ ଗ୍ରାମର ଛବି ସାହୁଙ୍କ ୪୦ ହଜାର ଟଙ୍କା ମୂଲ୍ୟର ଆଖୁ ଖାଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବନବିଭାଗ ନିକଟରେ ଅଭିଯୋଗ କଲେ କୌଣସି ସୁଫଳ ମିଳୁ ନାହିଁ। ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳ କହିଛନ୍ତି, କୌଣସି ଚାଷୀ ଅଭିଯୋଗ କରିନାହାନ୍ତି। ଭାଲୁ ଉପଦ୍ରବରେ ଫସଲ ନଷ୍ଟ ହୋଇଥିଲେ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ଯୋଗାଇ ଦିଆଯିବ।

### ଲୋଭୀଙ୍କ ବାର୍ଷିକ ପୂଜା

**ବଅଁରପାଳ,୧୨।୯(ଡି.ଏନ.ଏ.)**

ବଅଁରପାଳ ବ୍ଲକ କଙ୍କିନାଳି ଗ୍ରାମରେ ମା' ଲୋଭୀଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମ ଦିଅଁ ଘରୁ ମା'ଙ୍କ ଆଲମକୁ ଶୋଭାଯାତ୍ରାରେ ଅଣାଯାଇଥିଲା। ଏହାପରେ ଦେବୀଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ମାନସିକ ପୂରଣ ପାଇଁ ବହୁ ଭକ୍ତ ଅଧିଆ ପଡ଼ିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ସେପ୍ଟେମ୍ବର ୧୩/୨୦୨୧ Dhenkanal, Monday, September 13/ 2021



ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ରବିବାର ଗୋକୁଲମ କେରଳ ଓ ଆର୍ମି ରେଡ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଆନିଶଙ୍କ ପ୍ରଥମ ବିଜୟ

ଚେନ୍ନାଇ, ୧୨।୯(ପି.ଟି.)

ବେଙ୍ଗାଲୁରୁ ଭିତ୍ତିକ ଆନିଶ ଦାମୋଦର ଶେଟ୍ଟି ଏମଆରଏଫ୍-ଏମଏମଏସସି ଏଫଏମ୍ଏସସିଆଇ ଜାତୀୟ ମୋଟରସାଇକେଲ ରେସିଂ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡ ପ୍ରିମିୟର ପ୍ରୋଷ୍ଟକ୍ ୩-୧-୪୦୦ସିସି କାଟେଗୋରିରେ ବିଜୟ ହାସଲ କରିଛନ୍ତି। ଚଳିତ ସିଜନରେ ଆନିଶଙ୍କର ଏହା ପ୍ରଥମ ବିଜୟ। ସେହିପରି ଦୀପକ ରବିକୁମାର ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଛନ୍ତି। ଚାମ୍ପିୟନଶିପ୍ ଲିଡର ଜଗନ କୁମାରଙ୍କ ସହ ସେ ଟିଭିଏସ ରେସିଂରେ ୧-୨ ଫିନିଶ୍ କରିଛନ୍ତି।

# ବିଶ୍ୱ ଚାମ୍ପିୟନକୁ ହରାଇଲା ଅଷ୍ଟ୍ରେଲିଆ

ସିଡ୍‌ନୀ, ୧୨।୯

ହୁଟର ପରେ କ୍ୱେଡ୍ କୁପରଙ୍କ ଏକ ନାଟକୀୟ ପେନାଲ୍ଟି ସହାୟତାରେ ଏଠାରେ ରବିବାର ଅନୁଷ୍ଠିତ ଚଳିତ ରଗ୍‌ବୀ ଚାମ୍ପିୟନଶିପ୍‌ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ବିଶ୍ୱ ଚାମ୍ପିୟନ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। କୁପର ପୂର୍ବରୁ ତାଙ୍କ ୭୦

**ରଗ୍‌ବୀ ଚାମ୍ପିୟନଶିପ୍**

ଟେଷ୍ଟର ଶେଷ ମ୍ୟାଚ ୨୦୧୭ରେ ଇଟାଲୀ ବିପକ୍ଷରେ ଖେଳିଥିଲେ। ସେ ଗତ ମାସରେ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩୩ ବର୍ଷୀୟ ଖେଳାଳି ମ୍ୟାଚରେ ତାଙ୍କ ଦଳର ହିରୋ ଥିଲେ। ସେ ୨୩ ପଏଣ୍ଟ ସ୍କୋର କରିଥିଲେ। ପୂର୍ବରୁ ଖେଳାଯାଇଥିବା ଏକ ମ୍ୟାଚରେ ଆର୍ଜେଣ୍ଟିନାକୁ ନ୍ୟୁଜିଲାଣ୍ଡ ପରାସ୍ତ କରି ସମାନ ସଂଖ୍ୟକ ମ୍ୟାଚରୁ ୩ ବୋନସ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷରେ ରହିଛି।



ବିଜୟ ହାସଲରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳ।

# ଆୟାରଙ୍କ ଉପସ୍ଥିତିରେ ଦଳର ଶକ୍ତି ବଢ଼ିଛି: ଧାୱନ

ଦୁବାଇ, ୧୨।୯(ପି.ଟି.)

ନିୟମିତ ଅଧିନାୟକ ଶ୍ରେୟାସ ଆୟାରଙ୍କ ଉପସ୍ଥିତିରେ ଦିଲ୍ଲୀ କ୍ୟାପିଟାଲ୍ସର ଶକ୍ତି ବୃଦ୍ଧି ପାଇଛି। ତେବେ ଦଳକୁ ଭଲ ଆରମ୍ଭ କରିବାର ଅଛି ବୋଲି ସିନିୟର ବ୍ୟାଟ୍ସମ୍ୟାନ ଶିଖର ଧାୱନ ପ୍ରକାଶ କରିଛନ୍ତି। ଗତ ମେ'ରେ ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅଧାରୁ ବନ୍ଦ ରହିଥିଲା। ବାୟୋ-ବବ୍‌ଲରେ ଏକାଧିକ ଖେଳାଳି କରୋନାରେ ସଂକ୍ରମିତ ହେବାପରେ ଏପରି ନିଷ୍ପତ୍ତି ନିଆ ଯାଇଥିଲା। ଏହାର ଦ୍ୱିତୀୟଭାଗ ଚଳିତ ମାସ ୧୯ ତାରିଖରୁ ୟୁଏଇରେ ଆରମ୍ଭ ହେବାକୁ ଯାଉଛି। ''ଆଇପଇଏଲର ପ୍ରଥମ ଭାଗରେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଦର୍ଶନ ଚମତ୍କାର ରହିଥିଲା। ମାତ୍ର ଲିଗ୍ ସସପେଣ୍ଡ ହୋଇଯିବାରୁ ସେଥିରେ ବାଧା ଆସିଥିଲା। ତେଣୁ ଆମେ ପୁଣି ଏକାଗ୍ରଭାବେ ଧମାକାଦାର ଆରମ୍ଭ କରିବାର ଅଛି। ଆମ ଦଳରେ ଭଲ ସନ୍ତୁଳନ ରହିଛି ଏବଂ ଆୟାର ଫେରିବାଦ୍ୱାରା ଏହା ଆହୁରି ଶକ୍ତିଶାଳୀ ହୋଇଛି ବୋଲି ଧାୱନ କହିଛନ୍ତି। ଗତ ମାର୍ଚ୍ଚରେ ଭାରତ-ଇଂଲଣ୍ଡ ଦିନିକିଆ ସିରିଜ ଅବସରରେ କାନ୍ଧରେ ଆଘାତ ପାଇଥିବାରୁ ଆୟାର ଆଇପିଏଲର ପ୍ରଥମଭାଗରେ ଖେଳିପାରି ନ ଥିଲେ। ୨୦୨୧ ଆଇପିଏଲ ସିଜନରେ ବର୍ତ୍ତମାନସୁଦ୍ଧା ସର୍ବାଧିକ ୩୮୦ ରନ ସଂଗ୍ରହ କରିଛନ୍ତି ୩୫ ବର୍ଷୀୟ ଧାୱନ। ଦଳ ଚଳିତ ମାସ ୨୨ ତାରିଖରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଏହାର ପ୍ରଥମ ମ୍ୟାଚକୁ ଅପେକ୍ଷା କରିଛି ବୋଲି ସେ ପ୍ରକାଶ କରିଛନ୍ତି। ''ପୁଣି ଆଇପିଏଲକୁ ଫେରିଥିବାରୁ ଖୁସି ଲାଗୁଛି। ଦଳ ମଧ୍ୟରେ ଉତ୍ତମ ସମନ୍ୱୟ ରହିଛି। ସମସ୍ତ ଖେଳାଳି କଠିନ ପରିଶ୍ରମ କରୁଛନ୍ତି ଏବଂ ମୁଁ ମଧ୍ୟ ଆଇପିଏଲ ସିଜନ ଉପରେ ଏକାଗ୍ର ରହିଛି। ପ୍ରଥମ ମ୍ୟାଚ ଖେଳିବାକୁ ମୁଁ ଉତ୍ସାହର ସହ ଅପେକ୍ଷା କରିଛି'' ବୋଲି ଚଳିତ ସିଜନରେ ୩ଟି ଅର୍ଦ୍ଧଶତକ ହାସଲ କରିସାରିଥିବା ଧାୱନ କହିଛନ୍ତି।

# ଗୋକୁଲମ୍-ଆର୍ମି ରେଡ୍ ମ୍ୟାଚ ଡ୍ର

କଲ୍ୟାଣୀ, ୧୨।୯(ପି.ଟି.)

ଗତଥରର ଚାମ୍ପିୟନ ଗୋକୁଲମ କେରଳ ଓ ଆର୍ମି ରେଡ୍ ମଧ୍ୟରେ ରବିବାର ଅନୁଷ୍ଠିତ ଡୁରାଣ୍ଡ କପ୍ ଫୁଟବଲ ମ୍ୟାଚ ଅମୀମାଂସିତ ରହିଛି। ଆର୍ମି ଦଳ କଡ଼ା ଟକ୍କର ଦେବାରୁ ଗୋକୁଲମ୍ ନିଜର ପ୍ରଥମ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିବାକୁ ବାଧ୍ୟ ହୋଇଛି। ଗୋକୁଲମ ପକ୍ଷରୁ ରହିମ ଓସୁମାନୁ ୯ମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ବେଶ୍ କିଛି ସମୟ ଦଳ ଆଗୁଆ ରହିଥିଲେ ହେଁ ୩୦ତମ ମିନିଟରେ ଆର୍ମି ଦଳର ପି. ଜୈନ ଗୋଲଟି ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ଆଣିଥିଲେ। ଏଥିରେ ଉତ୍ସାହିତ ଆର୍ମି ଦଳ ପ୍ରଭାବୀ ପ୍ରଦର୍ଶନ କରି ବିକାଶ ଥାପାଙ୍କ ମାଧ୍ୟମରେ ୪୩ତମ ମିନିଟରେ ଗୋଟିଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋକୁଲମ୍ ପକ୍ଷରୁ ଶରିଫ ମହମ୍ମଦ ୭୦ତମ ମିନିଟରେ ଗୋଲଟି ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ମ୍ୟାଚ ଅବସରରେ ଆର୍ମି ରେଡ୍‌ର ମୁକେଶ କୁମାରଙ୍କ ସହ ଧକ୍କା ଖାଇ ଗୋକୁଲମ୍ କେରଳ ଗୋଲକିପର ରକ୍ଷିତ ଡାଗର ଆହତ ହୋଇଥିଲେ। ତାଙ୍କ ସ୍ଥାନରେ ପି.ଏ. ଆଜମଲ ଗୋଲକିପିଂ କରିଥିଲେ। ଆର୍ମି ରେଡ୍ ୪ ପଏଣ୍ଟ ସହ ଗ୍ରୁପ୍ 'ଡି' ଟେବୁଲର ଶୀର୍ଷରେ ରହିଛି।

# ତଦନ୍ତ କମିଟି ଗଠନ କଲା ଟେବୁଲ ଟେନିସ ମହାସଂଘ

ନୂଆଦିଲ୍ଲୀ, ୧୨।୯ (ପି.ଟି.)

ଭାରତ ଟେବୁଲ ଟେନିସ ମହାସଂଘ (ଟିଟିଏଫଆଇ) ଶନିବାର ୫ ଜଣ ସଦସ୍ୟ ବିଶିଷ୍ଟ ଏକ ତଦନ୍ତ କମିଟି ଗଠନ କରିଛି। ଷ୍ଟାର ଖେଳାଳି ମନିକା ବାତ୍ରା ଜାତୀୟ କୋଚ୍ ସୌମ୍ୟଦୀପ ରୟଙ୍କ ବିରୋଧରେ ଆଣିଥିବା ଅଭିଯୋଗର ତଦନ୍ତ କରିବ ଏହି କମିଟି। ରିପୋର୍ଟ ଉପସ୍ଥାପନ କରିବା ଲାଗି କମିଟିକୁ ୬ ସପ୍ତାହ ସମୟ ଦିଆଯାଇଛି। ଦୁଇ ଆଇନଜୀବୀ ଜାନେନ୍ଦ୍ର ଜୈନ ଓ ପାର୍ଥ ଗୋସ୍ୱାମୀ ଏବଂ ଯଶପାଲ ରାଣା ଏହି କମିଟିର ଅନ୍ୟତମ ସଦସ୍ୟ ରହିଛନ୍ତି। ଟିଟିଏଫଆଇ ଉପସଭାପତି ଚିରଞ୍ଜୀବ ଚୌଧୁରୀ ଏହାର ଅଧ୍ୟକ୍ଷ ରହିଛନ୍ତି। ମନିକା ଅଭିଯୋଗ କରିଛନ୍ତି ଯେ, ଅଲିମ୍ପିକ କ୍ୱାଲିଫାୟର ସମୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ରୟ ତାଙ୍କୁ ଭଲ ନ ଖେଳିବା ଲାଗି କହିଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ